ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର ୨୮ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ଶ୍ରମିକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୭।୨(ଡି.ଏନ.ଏ.)- ଠାକୁରଗଡ଼ ଥାନା ମନ୍ଦରବାହାଲ ଗ୍ରାମର ଶ୍ରମିକ ରୋହିତ ନାୟକ(୩୦)ଙ୍କୁ ସେହି ଗ୍ରାମର ବିଦ୍ୟାଧର ନାୟକ ଓ ବିନୋଦ ନାୟକ ଠେଙ୍ଗାରେ ପିଟିଥିବା ଗୁରୁବାର ଠାକୁରଗଡ଼ ଥାନାରେ ରୋହିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରୋହିତ ଓ ତାଙ୍କର କେତେଜଣ ସହଯୋଗୀ ସେହି ଗ୍ରାମର ଗୋକୁଳା ନନ୍ଦ ନାୟକଙ୍କ ଘରର ଛାତ ପକାଉଥିଲେ। ସେହି ସମୟରେ ବିଦ୍ୟାଧର ଓ ବିନୋଦ ସେଠାରେ ପହଞ୍ଚି କ'ଣ ପାଇଁ ଛାତ ପକାଉଛ କହି ସମସ୍ତ ଶ୍ରମିକଙ୍କୁ ଗାଳିଗୁଲଜ କରିଥିଲେ। ରୋହିତ ଏହାର ପ୍ରତିବାଦ କରିବାରୁ ଉତ୍କ୍ଷିପ୍ତ ହୋଇ ବିଦ୍ୟାଧର ଓ ବିନୋଦ ତାଙ୍କୁ ଠେଙ୍ଗାରେ ପିଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ହିଙ୍ଗୁଳା ମନ୍ଦିର ନିର୍ମାଣ ନିମନ୍ତେ ଅର୍ଥ ଦାନ



ତାଳଚେର,୨୭।୨(ନି.ପ୍ର.)- ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଡଅଁରା ଗ୍ରାମର ଚିନ୍ମୟ କୁମାର ସାହୁଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ଅର୍ଥଦାନ କରାଯାଇଛି। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ପରେଶ ଚନ୍ଦ୍ର ନାୟକ, ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସାହୁ ନିଜର ଏକ ମାସର ଦରମା ୩୩ ହଜାର ୩୩୩ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

### ଲାଞ୍ଚ ମାମଲା: ଷ୍ଟେଶନ ମାଷ୍ଟରଙ୍କୁ ୪ ବର୍ଷ ଜେଲ



ଅନୁଗୋଳ ଅଫିସ, ୨୭।୨- ଏକ ଲାଞ୍ଚ ନେବା ମାମଲାର ବିଚାରକରି ଅନୁଗୋଳ ଭିଜିଲାନ୍ସ କୋର୍ଟ ଗୁରୁବାର ଅନୁଗୋଳସ୍ଥିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି)ର ଆସିଷ୍ଟାଣ୍ଟ ଷ୍ଟେଶନ ମାଷ୍ଟର ଅଶୋକ ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଜିଲାନ୍ସ କୋର୍ଟର ଜଜ୍ ରୂପଶ୍ରୀ ଚୌଧୁରୀ ୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ଦୋଷୀ ସାବ୍ୟସ୍ତ ହୋଇଥିବା ଅଶୋକ ୨୦୧୪ ଡିସେମ୍ବର ୨୭ରେ ବସ୍ ଚାଳକ ଗୌରାଙ୍ଗ ଚରଣ ସାହୁଙ୍କୁ ଡ୍ୟୁଟି ଦେବାକୁ କହି ଲାଞ୍ଚ ମାଗିଥିଲେ। ଚାଳକ ଗୌରାଙ୍ଗ ଏ ନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପରେ ୨ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ଷ୍ଟେଶନ ମାଷ୍ଟର ଅଶୋକଙ୍କୁ ମାଡ଼ି ବସିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଶୋକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଉଦୟ ଶଙ୍କର ମିଶ୍ର ପରିଚାଳନା କରୁଥିଲେ।

### ଦୁର୍ଘଟଣାରେ ୪ ଗୁରୁତର

ଜଳେଶ୍ୱର,୨୭।୨(ସ୍ୱ.ପ୍ର) ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟବର୍ତ୍ତୀ ଏକ ରେଷ୍ଟୁରାଣ୍ଟ ସମ୍ମୁଖରେ ଗୁରୁବାର ଅଟୋ ଓ ବୋଲେରୋ ଧକ୍କାରେ ୪ଜଣ ଗୁରୁତର ହୋଇଛନ୍ତି। ଅଟୋଟି ଭୋଗରାଇରୁ ବାଲେଶ୍ୱର ଅଭିମୁଖେ ଯିବାବେଳେ ସମାନ ଦିଗରୁ ଆସୁଥିବା ବୋଲେରୋ ସହ ଧକ୍କା ହୋଇଥିଲା। ଫଳରେ ଅଟୋ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଥିବା ଭୋଗରାଇ ଥାନା ନିମାତପୁର ଗ୍ରାମର ରତ୍ନାକର ବେହେରା, ନାରାୟଣପୁରର ବାସନ୍ତୀ ବେହେରା, ଓଲପନା ବେହେରା ଏବଂ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ଗାଁର ଦେବବ୍ରତ ରାଉଳ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜିକେ ଭଞ୍ଜର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଉତ୍ପାଦନ ସହ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ

**ଏମ୍‌ସିଏଲ୍ ଖଣି ପରିଦର୍ଶନ କଲେ ସିଆଇଏଲ୍ ଅଧ୍ୟକ୍ଷ**

ତାଳଚେର,୨୭।୨(ନି.ପ୍ର.)

ଦେଶ ଅଗ୍ରଗତି କରୁଥିବା ବେଳେ କୋଇଲାର ଚାହିଦା ଦିନକୁ ଦିନ ବଢୁଛି। ତେଣୁ କୋଇଲା ଉତ୍ପାଦନ ଓ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ଶୁକ୍ରବାର ତାଳଚେର ଗସ୍ତ ଅବସରରେ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

ଦୁଇଦିନିଆ ଏମ୍‌ସିଏଲ୍ ଗସ୍ତରେ ଆସିଥିବା ସିଆଇଏଲ୍ ଅଧ୍ୟକ୍ଷ ଶୁକ୍ରବାର ତାଳଚେରରେ ଥିବା ଏମ୍‌ସିଏଲ୍‌ର ବିଭିନ୍ନ ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ୬୬୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଫେବୃୟାରୀ ୨୬ ସୁଦ୍ଧା ସେଥିରୁ ୫୧୦.୩୦ ମିଲିୟନ ଟନ୍ ଉତ୍ତୋଳନ ସରିଛି। ଗତବର୍ଷ ତୁଳନାରେ ଏହା ୨.୫ ପ୍ରତିଶତ ପଛରେ ରହିଛି। କାରଣ ବର୍ଷା ଯୋଗୁ ଗତ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ଉତ୍ତୋଳନ ହ୍ରାସ ପାଇଥିଲା। ତେବେ ଡିସେମ୍ବର ଠାରୁ ଉତ୍ପାଦନ ବୃଦ୍ଧି ପାଇଛି। ଆଗାମୀ ୨୦୨୩-୨୪ରେ ସିଆଇଏଲ୍ ୧୦୦୦ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବାର ଯୋଜନା କରିଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଅଗ୍ରୱାଲ ପ୍ରଥମେ କଣିହାଁ ଓପନକାଷ୍ଟ ଖଣି ପରିଦର୍ଶନ କରିଥିଲେ। ପରେ ହିଙ୍ଗୁଳା ଓ ଭରତପୁର କୋଇଲା ଖଣି ମଧ୍ୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ଗଣମାଧ୍ୟମ ପ୍ରତିନିଧି, ୟୁନିୟନ ପ୍ରତିନିଧିଙ୍କୁ ଭେଟିବା ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଏହି କାର୍ଯ୍ୟକ୍ରମ ବେଳେ ସିଆଇଏଲ୍ ଟେକ୍ନିକାଲ ଡାଇରେକ୍ଟର ଏସ୍.ଏନ୍. ତିୱାରି, ଏମ୍‌ସିଏଲ୍ ସିଏମ୍‌ଡି ଭୋଳାନାଥ ଶୁକ୍ଳା, ଏମ୍‌ସିଏଲ୍ ଟେକ୍ନିକାଲ ଡାଇରେକ୍ଟର ଓ.ପି. ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମା' ହିଙ୍ଗୁଳାଙ୍କୁ କଲେ ଦର୍ଶନ



ସିଆଇଏଲ ଅଧ୍ୟକ୍ଷଙ୍କ ସମେତ ପ୍ରଶାସନିକ ଓ ଖଣି ଅଧିକାରୀ ଏବଂ ଲୋକ ପ୍ରତିନିଧିମାନେ ମା' ହିଙ୍ଗୁଳାଙ୍କ ମନ୍ଦିର ପରିସରରେ।

ତାଳଚେର,୨୭।୨(ନି.ପ୍ର.)

ଏମ୍‌ସିଏଲ୍‌ର ବିଭିନ୍ନ ଖଣି ପରିଦର୍ଶନରେ ଆସିଥିବା ସିଆଇଏଲ୍ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏହି ଅବସରରେ ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ପରେଶ ଚନ୍ଦ୍ର ନାୟକ, ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ଅଧ୍ୟକ୍ଷ ଅଗ୍ରୱାଲଙ୍କୁ ସ୍ୱାଗତ ଜଣାଇଥିଲେ। ବିଧାୟକ ପ୍ରଧାନ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମା' ହିଙ୍ଗୁଳାଙ୍କ ପାରିପାର୍ଶ୍ୱିକ କାର୍ଯ୍ୟର ଉନ୍ନତୀକରଣ ନିମନ୍ତେ ୧୨୯ କୋଟି ଟଙ୍କାର ଏକ ବ୍ୟୟ ଅଟକଳ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏମ୍‌ସିଏଲ୍‌ର ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା, କୋଲ ଇଣ୍ଡିଆ ନିର୍ଦ୍ଦେଶକ(ବିପଣୀ) ସତ୍ୟେନ୍ଦ୍ରନାଥ ତିୱାରୀ, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡୀଙ୍କ ସମେତ ବିଭିନ୍ନ କୋଇଲା କ୍ଷେତ୍ରର ବହୁ ଉଚ୍ଚପଦସ୍ଥ ଅଧିକାରୀ, ବିଭିନ୍ନ ଶ୍ରମିକ ନେତା ଉପସ୍ଥିତ ଥିଲେ।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଖଇରା, ୨୭।୨(ଡି.ଏନ.ଏ):** ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଖଇରା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଅଙ୍ଗନୱାଡି କେନ୍ଦ୍ର ଗୃହ ଲାଗି ଉପୁଜୁଥିବା ଜାଗା ସମସ୍ୟାର ସମାଧାନ, ପ୍ରତି ପଞ୍ଚାୟତରେ କିଭଳି ୨ଟି ଲେଖାଏ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟ ଭାବେ ପରିଗଣିତ ହୋଇପାରିବ ସେଥିଲାଗି ଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସିଡିପିଓ ନର୍ମଦା ଦେଓ, ତହସିଲଦାର ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

### କାର୍ଯ୍ୟରେ ଯୋଗଦେଲେ ବିଡିଓ

**ଭୋଗରାଇ,୨୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଗୁରୁବାର ନୂତନ ବିଡିଓ ଭାବେ ସତ୍ୟଜିତ୍ ରାଉତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଓଡ଼ିଶାର ସର୍ବବୃହତ ଭୋଗରାଇ ବ୍ଲକରେ ୫୦ ପଞ୍ଚାୟତକୁ ନେଇ ସରକାରଙ୍କ ନିୟମ ପରିଧି ମଧ୍ୟରେ ନୂତନ ବିଡ଼ିଓ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି।

# ମାଗଣା ବିଦ୍ୟୁତ୍ ନ ଦେଲେ ଆନ୍ଦୋଳନ

**ଜିଲା ଜନଜୀବନ ସୁରକ୍ଷା କମିଟି ବୈଠକ**

ଅନୁଗୋଳ ଅଫିସ, ୨୭।୨

ପ୍ରଦୂଷଣ ବଳୟରେ ଥିବା ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାବାସୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ ଓ ତାଳଚେର ମେଡିକାଲ କଲେଜକୁ ସରକାର କିମ୍ବା ଏମ୍‌ସିଏଲ୍ ସିଧାସଳଖ ପରିଚାଳନା ନ କଲେ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ମାର୍ଚ୍ଚ ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଗୁରୁବାର ସ୍ଥାନୀୟ ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ଦାମୋଦର ଦାସ, ତୀର୍ଥବାସୀ ଭୋଇ, ପଠାଣି ବରିହା, ମାନସ ପାଳ, ତ୍ରିଲୋଚନ ଜେନା, ନିରୋଦ ପାଳ, ବଳରାମ ବେହେରା, ସୂର୍ଯ୍ୟକାନ୍ତ ଦାଶ, ଅଶୋକ କୁମାର ପ୍ରଧାନ, ନିର୍ମଳ କୁମାର ସାହୁ, ନିରୂପମା ପ୍ରଧାନ ପ୍ରମୁଖ ଯୋଗଦେଇ ସମାବେଶକୁ ସଫଳ କରିବା ପାଇଁ ନିଜର ଦୃଢ଼ ମତବ୍ୟକ୍ତ କରିଥିଲେ। ଜିଲାବାସୀଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ସମସ୍ତ ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବ୍ୟବସାୟୀ, ଯୁବ, ଛାତ୍ର, ମହିଳା, ଗଣସଙ୍ଗଠନ ତଥା ସମସ୍ତ ସଂଘର କର୍ମକର୍ତ୍ତା ସହଯୋଗ କରିବା ପାଇଁ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ସାଇବର ଆଇନ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ଅନୁଗୋଳ ଅଫିସ, ୨୭।୨

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସାଇବର ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ପଞ୍ଚମହଲାସ୍ଥିତ ରିମିଟ କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୌମ୍ୟକ ପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସି.ଏଚ୍. ବାସୁଦେବ ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତିସ୍ୱରୂପା ସାହୁ ଓ ସଞ୍ଜୀବ ପଣ୍ଡା, ଜିଲା ଆଇନସେବା ପ୍ରାଧିକରଣର ସଦସ୍ୟ ବସନ୍ତ କୁମାର ଦାସ, ଡେପୁଟି ଏସ୍‌ପି (କ୍ରାଇମ) ଦିଲୀପ କୁମାର ନାୟକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଉପପରିବେଶ ଯନ୍ତ୍ରୀ ଇଂ. ରାକେଶ କୁମାର ମହାନ୍ତି ଓ କଲେଜ ଅଧ୍ୟକ୍ଷ ପ୍ରାଣବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

ମଞ୍ଚାସୀନ ଅତିଥିମାନେ ସାଇବର ଅପରାଧ କିପରି ଘଟୁଛି ଓ ତା ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ସୋସିଆଲ ମିଡିଆ ବ୍ୟବହାର କରୁଥିବା ଛାତ୍ରୀଛାତ୍ର ସାଇବର ଅପରାଧୀଙ୍କ ଠାରୁ କିପରି ଦୂରେଇ ରହିବେ, ଠକେଇର ଶିକାର ହେଲେ କେଉଁ ପଦକ୍ଷେପ ଗ୍ରହଣ କରିବେ ସେ ବିଷୟରେ ବୁଝାଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଉପପରିବେଶ ଯନ୍ତ୍ରୀ ରାକେଶ କୁମାର ମହାନ୍ତି ପରିବେଶ ପ୍ରଦୂଷଣ ଓ ତାହାର କୁପ୍ରଭାବ ସମ୍ପର୍କରେ ସମସ୍ତେ ସଚେତନ ହେବା ସହିତ କପରି ପ୍ରଦୂଷଣକୁ ରୋକା ଯାଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ରିମିଟ କଲେଜର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଆଇନସେବା ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା ଏହାକୁ ପରିଚାଳନା କରିଥିଲେ।

# କୃଷ୍ଣପୁର ଲେଭଲ କ୍ରସିଂରେ ହେବ ଓଭରବ୍ରିଜ୍

**ବିଧାୟକଙ୍କୁ ରେଳମନ୍ତ୍ରୀଙ୍କ ଚିଠି**

ବଇଣ୍ଡା,୨୭।୨(ଡି.ଏନ.ଏ.)

ତାଳଚେର-ସମ୍ବଲପୁର ରେଳପଥର କିଶୋରନଗର ବ୍ଲକ କୃଷ୍ଣପୁର ଲେଭଲ କ୍ରସିଂଠାରେ ଏକ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କରିବା ପାଇଁ ରେଳମନ୍ତ୍ରୀ ପୀୟୂଷ ଗୋଏଲ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ନିକଟକୁ ଏକ ଚିଠି (ନଂ. ଏ-୬୬୮ ତା. ୩୦।୧।୨୦୨୦) ଆସିଛି। ଖୁବଶୀଘ୍ର ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବ ବୋଲି ରେଳମନ୍ତ୍ରୀ ଗୋଏଲ ଉକ୍ତ ଚିଠିରେ ବିଧାୟକଙ୍କୁ ଅବଗତ କରିଛନ୍ତି।

ଘଟଣାରୁ ଜଣାପଡ଼ିଛି, କୃଷ୍ଣପୁର ଲେଭଲ କ୍ରସିଂକୁ ଉଚ୍ଛେଦ କରିବା ପାଇଁ ରେଳ ବିଭାଗ ପକ୍ଷରୁ ୨୦୧୮ ଓ ୨୦୧୯ରେ ଜୋରଦାର ଉଦ୍ୟମ ଚଳାଇଥିବାବେଳେ ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ୨ ଥର ଆନ୍ଦୋଳନ ମଧ୍ୟ କରାଯାଇଥିଲା। ପରେ ଏ ନେଇ ଆଠମଲ୍ଲିକ ବିଧାୟକ ସାଏ ତା. ୧୧।୧।୨୦୨୦ରେ କୃଷ୍ଣପୁର ନିକଟସ୍ଥ ରେଳ ଧାରଣା ଉପରେ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ବିଧାୟକ ଦର୍ଶାଇଥିଲେ, ଏହି ରେଳ ଧାରଣା ଦେଇ ପ୍ରତିଦିନ ଦେହୁରି ସାହି, କୁଆଝରୀ, ବଡ଼ବାହାଳ, ଆମ୍ବମୁଣ୍ଡା, ଚୁଳିଆପୁର, ପାଗବନ୍ଧା, ପୁରୁଣାପାଣି ଆଦି ୭ଟି ଗ୍ରାମବାସୀ ଯାତାୟାତ କରୁଛନ୍ତି। ଏମାନଙ୍କ ସୁରକ୍ଷା ପାଇଁ ଫ୍ଲାଏ ଓଭର ବ୍ରିଜର ଆବଶ୍ୟକତା ରହିଛି। ହେଲେ ରେଳ ବିଭାଗ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପରିବର୍ତ୍ତେ ଫାଟକ ବନ୍ଦ କରିଦେବାକୁ ଯୋଜନା କରୁଥିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଛନ୍ତି। ଏହି ଫାଟକକୁ ସମ୍ପୂର୍ଣ୍ଣ ବନ୍ଦ କରି ଅନ୍ୟ ଏକ ରାସ୍ତା ଦେଇ ଯିବା ଆସିବା ପାଇଁ ଗ୍ରାମବାସୀଙ୍କୁ ରେଳ ବିଭାଗ ପକ୍ଷରୁ କୁହାଯାଉଥିବା ଯୋଗୁ ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ତୁରନ୍ତ ରେଳବିଭାଗ ପକ୍ଷରୁ କୃଷ୍ଣପୁରଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ବିଧାୟକ ସାଏ ଚିଠିରେ ଉଲ୍ଲେଖ କରିଥିଲେ। ବିଧାୟକଙ୍କ ଏଭଳି ପଦକ୍ଷେପକୁ କୃଷ୍ଣପୁର ସହ ୮ଟି ଗ୍ରାମବାସୀ ସ୍ୱାଗତ କରିଛନ୍ତି।

# ୨୯ରୁ ଭଲିବଲ ପ୍ରତିଯୋଗିତା

ତାଳଚେର,୨୭।୨(ନି.ପ୍ର.)

ଏନ୍‌ଟିପିସି କଣିହାଁ ସ୍ପୋର୍ଟସ କାଉନସିଲ ସହଯୋଗରେ ଏକ ଜାତୀୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଆସନ୍ତା ୨୯ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଦ୍ୟୁତ୍ କେନ୍ଦ୍ରର ସିଏସ୍ଆର୍ ଯୋଜନାରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଇଷ୍ଟକୋଷ୍ଟ ରେଲୱେ, କିଟ୍ ଦଳ ଭାଗ ନେବେ। ଏନ୍‌ଟିପିସି କଣିହାଁ ପ୍ରକଳ୍ପର ବିଭିନ୍ନ ବିଭାଗରୁ ୩୪ଜଣ କର୍ମଚାରୀ ସ୍ୱେଚ୍ଛାସେବୀ ଭାବେ ଉକ୍ତ ପ୍ରତିଯୋଗିତା ପରିଚାଳନା କରିବେ। ଏହି ପ୍ରତିଯୋଗିତା ଏନ୍‌ଟିପିସି କଣିହାଁ ସ୍ପୋର୍ଟସ କାଉନସିଲ ସହଯୋଗରେ ପ୍ରତିବର୍ଷ ଆୟୋଜିତ ହେଉଛି। ପ୍ରକାଶ ଯେ, ପ୍ରକଳ୍ପ ପାରିପାର୍ଶ୍ୱିକ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ତଥା ସେମାନଙ୍କ ଶାରୀରିକ ସୁସ୍ଥତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଏନ୍‌ଟିପିସି କଣିହାଁ ନିୟମିତ ଭାବେ ଗ୍ରାମାଞ୍ଚଳରେ ଫୁଟବଲ, କବାଡ଼ି, ଖେଳକୁଦ ଆଦି ପ୍ରତିଯୋଗିତା ଆୟୋଜନ କରୁଥିବା ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

# ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଦସ୍ତଖତ ଅଭିଯାନ

ଅନୁଗୋଳ ଅଫିସ, ୨୭।୨

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଜିଲା ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଜିଲାରେ ଏପରି କାର୍ଯ୍ୟକ୍ରମ ଶହେଟି ସ୍ଥାନରେ କରାଯିବ ବୋଲି ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ (ଛାତ୍ର କଂଗ୍ରେସ) ପ୍ରଦ୍ୟୁମ୍ନ ସାହୁ ସୂଚନା ଦେଇଛନ୍ତି। ଏପରି କି ଆଗାମୀ ମାସରେ ଏହି ପ୍ରସଙ୍ଗରେ ଜିଲାର ବୁଦ୍ଧିଜୀବୀ, ସର୍ବସାଧାରଣ ଓ ସମସ୍ତ ଦଳର ବ୍ୟକ୍ତିମାନଙ୍କୁ ନେଇ ଏକ ସର୍ବଦଳୀୟ ସଭା କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ଏହି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଲୁଟୁ ରଞ୍ଜନ ଥାପା, ପୂର୍ବତନ କାଉନସିଲର ବଲବୀର ସିଂ, କଂଗ୍ରେସ ନେତା ନରୋତ୍ତମ ନାଏକ, ମାନସ ବିଶ୍ୱାଳ, ଅବିନାଶ ସାହୁ, ଦିନେଶ ସାହୁ, ଦିବ୍ୟରଞ୍ଜନ ପ୍ରଧାନ, ବିଶ୍ୱଜିତ ବିଶ୍ୱାଳ, ଆଶିଷ କୁମାର ବେହେରା, ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ର କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ।

# ରକ୍ତ ଦେଲେ ପୋଲିସ କର୍ମଚାରୀ

**କୋଲିୟରୀ ଥାନାରେ ରକ୍ତଦାନ ଶିବିର**

ତାଳଚେର,୨୭।୨(ନି.ପ୍ର.)

ତାଳଚେର ଉପଖଣ୍ଡ ପୋଲିସ ପକ୍ଷରୁ କୋଲିୟରୀ ଥାନା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା ନିଜେ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। କୋଲିୟରୀ ଥାନା ଅଧିକାରୀ ସବ୍ୟସାଚୀ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ସମଲ ଥାନା ଅଧିକାରୀ ଚାରୁଲତା ବେହେରା, ଏନ୍‌ଟିପିସି ଥାନା ଅଧିକାରୀ ଦୀପିକା ଦେବୀ ରାୟ, ବିକ୍ରମପୁର ଥାନା ଅଧିକାରୀ ଧୋଳେଶ୍ୱର ନାଏକ ପ୍ରମୁଖ ନିଜ ଅଞ୍ଚଳର ରକ୍ତଦାତାଙ୍କ ସହିତ ଯୋଗ ଦେଇଥିଲେ। ଅପରାହ୍ନରେ ଜିଲା ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଅତିରିକ୍ତ ଗୃହକୁ ଉଦ୍‌ଘାଟନ କରିଥିଲେ। ତାଳଚେର ଉପଖଣ୍ଡ ରକ୍ତ ଭଣ୍ଡାରର ଡାକ୍ତର ଅରବିନ୍ଦ ନନ୍ଦିଙ୍କ ତତ୍ତ୍ୱାବଧାନରେ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ତାଳଚେରର ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ଖବରଦାତା, ବୁଦ୍ଧିଜୀବୀ, ମହିଳା ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ। କୋଲିୟରୀ ଥାନାର ସମସ୍ତ କର୍ମଚାରୀ ଏବଂ ଏସ୍ଆଇ ସତୀଶ ଲେଙ୍କା, ସୁମିତ୍ରା ପାତ୍ର, ଗୋବିନ୍ଦ ସାହୁ, ରଞ୍ଜନ ରାଉତ, ଫାଣ୍ଡି ଅଧିକାରୀ ଗୋକୁଳାନନ୍ଦ ପଣ୍ଡା, ନେପାଳ ପଟ୍ଟା ପ୍ରମୁଖ ସହଯୋଗ କରିଥିଲେ। ସାମାଜିକ କର୍ମୀ କ୍ଷୀରୋଦ ସାହୁ ରକ୍ତଦାନ କରିଥିଲେ। ସେ ମୋଟ୍ ୫୧ ଥର ରକ୍ତଦାନ କରିଥିବାରୁ ଏସ୍‌ପି ମୀନା ସାହୁଙ୍କୁ ସମ୍ମାନିତ କରିଥିଲେ।



ଥାନା ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିର।

## ସଂକ୍ଷେପରେ

### ବ୍ୟାଙ୍କ ବନ୍ଦକୁ ନେଇ ଅସନ୍ତୋଷ




ଖମାର, ୨୭।୨
ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାରଠାରେ ଥିବା ଏକ ବ୍ୟାଙ୍କ ଶାଖାର ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବ୍ୟାଙ୍କ ଫାଟକ ବାହାରେ ଏକ ନୋଟିସ୍‌ରେ ମାସର ପ୍ରଥମ, ତୃତୀୟ, ପଞ୍ଚମ ଗୁରୁବାର ବ୍ୟାଙ୍କ ସେବା ବନ୍ଦ ରହିବ ବୋଲି ଲେଖାଥିବାବେଳେ ୨୭ ତାରିଖ ଗୁରୁବାର ମାସର ଚତୁର୍ଥ ହୋଇଥିଲେ ହେଁ ବ୍ୟାଙ୍କ ବନ୍ଦ ରଖାଯାଇଥିଲା। ଫଳରେ ଦୂର ଦୂରାନ୍ତରୁ ଆସିଥିବା ଲୋକେ ହଇରାଣ ହରକତ ହୋଇଥିଲେ। ଏଥିସହିତ ପାସ୍‌ବୁକ ଅପଡେଟ୍ ପାଇଁ ଥିବା ପ୍ରିଣ୍ଟ ମେଶିନ ଅନେକ ସମୟରେ କାମ କରୁ ନ ଥିବା ଗ୍ରାହକମାନେ କହିଛନ୍ତି।

### ବ୍ଲାକମେଲ୍ ଅଭିଯୋଗରେ ଯୁବକ ଗିରଫ

ବଇଣ୍ଡା,୨୭।୨(ଡି.ଏନ.ଏ.)- କିଶୋରନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଫଟୋ ଉଠାଇ ବ୍ଲାକମେଲ୍ କରୁଥିବା ଅଭିଯୋଗରେ ଗୁରୁବାର ପୋଲିସ ଅନାମ ପ୍ରଧାନଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୧୮/୨୦ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକା ଜଣଙ୍କ ତାଙ୍କ ଘର ସାମ୍ନାରେ ଠିଆ ହୋଇଥିବାବେଳେ ଅନାମ ଫଟୋ ଉଠାଇ ବ୍ଲାକମେଲ କରୁଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।

### ଉଫୁନା ପକ୍ଷରୁ ଶୋକସଭା

ଢେଙ୍କାନାଳ ଅଫିସ, ୨୭।୨- ହାଇକୋର୍ଟ ବାର ଆସୋସିଏଶନର ପୂର୍ବତନ ସଭାପତି ବିଶ୍ୱମୋହନ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ବିୟୋଗରେ ଉଫୁନା ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସରୋଜ ଶତପଥୀ, ଡମ୍ବରୁଧର ପଣ୍ଡା, ଅକ୍ଷୟ ଶତପଥୀ, ବାହାଦୁର ପାଟସାହାଣୀ, ଉପେନ୍ଦ୍ର ରାଉତ, ଦୈତାରୀ ପରିଡ଼ା, ଲୋକନାଥ ବରାଳ, ବିଚିତ୍ରାନନ୍ଦ ମହାନ୍ତି, ପ୍ରସାଦ ପଟ୍ଟନାୟକ, ଦିଲୀପ ସାହୁ, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

**ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।**

# ୧୫୭୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ପାଲଲହଡ଼ା, ୨୭।୨(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ପାଉଡି ଅଞ୍ଚଳ ଜମରଡିହଠାରେ ଗୁରୁବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ

**ପାଲଲହଡ଼ାରେ ମେଗା ସ୍ୱାସ୍ଥ୍ୟ ଶିବିର**

ଏମ୍‌ପି ମହେଶ ସାହୁଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପିଲାଡ୍)ରେ ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆୟୋଜିତ ଏହି ଶିବିରରେ ୧୨ରୁ ଊର୍ଦ୍ଧ୍ୱ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ଚିକିତ୍ସା ସହ ମାଗଣାରେ ଔଷଧ ଦେଇଥିଲେ। ଏଥିରେ ଅଞ୍ଚଳର ମୋଟ୍ ୧୫୭୬ ଜଣ ରୋଗୀ ବିଭିନ୍ନ ବିଭାଗରେ ପଞ୍ଜୀକୃତ ହୋଇଥିଲେ। ଅସ୍ଥି ଶଲ୍ୟ, ନାଶା, ଗଳା କର୍ଣ୍ଣ, ଚକ୍ଷୁ, ଯକ୍ଷ୍ମା, ଶିଶୁ ରୋଗ ବିଭାଗ, ଚର୍ମ ବିଭାଗ, ସ୍ତ୍ରୀ ରୋଗ ବିଭାଗ, ଦନ୍ତ, ମେଡିସିନ ଆଦି ବିଭାଗରେ ଲୋକେ ସେମାନଙ୍କ ନାମ ପଞ୍ଜୀକରଣ କରାଇ ଚିକିତ୍ସିତ ହୋଇଥିଲେ। ଏଥିସହ ସେମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଶିବିରରେ ଉପଖଣ୍ଡର ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଜିଲା ଚିକିତ୍ସା ଅଧିକାରୀ ଅମରେନ୍ଦ୍ର ନାଥ ମହାନ୍ତି, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡନାୟକ ଉପସ୍ଥିତ ଥିଲେ। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରୀ ଦଳ ଉପସ୍ଥିତ ରହି ଚିକିତ୍ସା କରିଥିଲେ।


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

### ଜମିବାଡି ଗଣ୍ଡଗୋଳ, ଜଣେ ଗିରଫ

ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ଜମିବାଡି ଗଣ୍ଡଗୋଳକୁ ନେଇ ପୋଲିସ ଚିତ୍ତରଞ୍ଜନ ନାଏକ(୪୬)ଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କୋଶଳା ଗ୍ରାମର ଜୟନ୍ତ ନାଏକ, ବଡଭାଇ ଚିତ୍ତରଞ୍ଜନ ନାଏକ ଓ ଚିତ୍ତରଞ୍ଜନଙ୍କ ପୁଅ ଟିକନ ନାଏକଙ୍କ ନାମରେ ଜମିବାଡି ଗଣ୍ଡଗୋଳ ନେଇ ପୂର୍ବରୁ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମଧ୍ୟରେ ୧୦ଦିନ ମଧ୍ୟରେ ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରେ ଜୟନ୍ତଙ୍କ ଘରର ଚୁଲିଆ ଭାଙ୍ଗିବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏ ନେଇ ଜୟନ୍ତଙ୍କ ଅଭିଯୋଗ କ୍ରମେ ଛେଣ୍ଡିପଦା ପୋଲିସ ଗୁରୁବାର କୋଶଳା ଉଚ୍ଚବିଦ୍ୟାଳୟ ସମ୍ମୁଖରୁ ଚିତ୍ତରଞ୍ଜନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଟିକନ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏଏସଆଇ ରମେଶ ପ୍ରଧାନ କହିଛନ୍ତି।

# ଆଠମଲ୍ଲିକ ସହର ରାସ୍ତା ବିପର୍ଯ୍ୟସ୍ତ

ଆଠମଲ୍ଲିକ, ୨୭।୨(ଡି.ଏନ.ଏ.)

ଆଠମଲ୍ଲିକ ସହରରେ ବିଭିନ୍ନ ସ୍ଥାନରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘ ଦିନ ହେଲା ଏଗୁଡିକର ମରାମତି କରାଯାଉ ନ ଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସହରର ଟାଙ୍ଗିଆନିଶା-ବରଗାଁ ରାସ୍ତା, ନୂଆସାହି, ଜମ୍ମେଶ୍ୱର ମିଶ୍ର-ବନ୍ଧସାହି ଛକ ଗଳି, ମାଣିକପଥର-ପଡିଆ ହିନ୍ଦୋଳ, ସାଲେଇଡିପା, ମାଣିକପଥର ଗ୍ରାମ ରାସ୍ତା, ପୁଲେଶ୍ୱର ଆଦି ରାସ୍ତା ଖାଲଖମାରେ ପରିଣତ ହୋଇଛି। ଫଳରେ ଲୋକେ ଯିବାଆସିବାବେଳେ ହଇରାଣ ହେଉଛନ୍ତି। ତୁରନ୍ତ ଏନ୍‌ଏସି ପକ୍ଷରୁ ରାସ୍ତା ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି, ଉକ୍ତ ରାସ୍ତାଗୁଡିକ ନିର୍ମାଣ ପାଇଁ ଟେଣ୍ଡର ହୋଇସାରିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏତଦ୍‌ବ୍ୟତୀତ ଟାଙ୍ଗିଆନିଶା-ବରଗାଁ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି।



# ଦମ୍ପତିଙ୍କୁ ବାସନ୍ଦ ଅଭିଯୋଗ

ବନ୍ତଲା, ୨୭।୨(ଡି.ଏନ.ଏ.)

ଆଦିବାସୀ ଘରେ କାମ କରିବାରୁ ଏକ ଦମ୍ପତିଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିବା ନେଇ ଗୁରୁବାର ଅନୁଗୋଳ ଜିଲା ବନ୍ତଲା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଏ, ଉକ୍ତ ଥାନା ଅଞ୍ଚଳର ଏକ ଦମ୍ପତି ମଜୁରି ଲାଗି ଘର ଚଳାନ୍ତି। ପ୍ରାୟ ୧୫ ଦିନ ପୂର୍ବରୁ ସେହି ଅଞ୍ଚଳର ଜଣେ ଆଦିବାସୀଙ୍କ ଘରେ ଯୁବକ ଜଣକ ମଜୁରି କାମ କରିଥିଲେ। ଏହାକୁ ନେଇ ସାହିରେ ଏକ ବୈଠକ ବସିଥିଲା। ବୈଠକରେ ସାହିବାସୀ ସମ୍ପୃକ୍ତ ଦମ୍ପତିଙ୍କୁ ସେଠାରେ କାମ କରିବାକୁ ମନା କରିଥିଲେ। ଏଥିସହ ନିଆଁପାଣି ବାସନ୍ଦ ଓ ସାହିର ଅନ୍ୟ ଲୋକଙ୍କ ସହ ମିଶିବା କିମ୍ବା କଥା ହେବାକୁ ବାରଣ କରିଥିଲେ। ଏପରି ସ୍ଥିତିରେ ଗତ ବୁଧବାର ଏକ ବୈଠକ ବସିଥିବାବେଳେ ସେଠାରେ ବାସନ୍ଦ ଉଠାଇବାକୁ ଦମ୍ପତି ଅନୁରୋଧ କରିଥିଲେ ହେଁ ଏହା ଉଠାଯାଇ ନ ଥିଲା। ଶେଷରେ ସମ୍ପୃକ୍ତ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଏ ସମ୍ପର୍କରେ ବନ୍ତଲା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ସୌରଭ ଓତା କୁହନ୍ତି, ଅଭିଯୋଗ ଆସିଛି। ଗ୍ରାମବାସୀଙ୍କୁ ପ୍ରଥମେ ନୋଟିସ୍ କରାଯାଇଛି। ସମ୍ପୃକ୍ତ ଦମ୍ପତିଙ୍କୁ ଡକାଇ ଆଲୋଚନା କରି ସମାଧାନ କରାଯିବ। ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।


ଅଭିଯୋଗ କରିବାକୁ ଆସିଥିବା ଦମ୍ପତି।

### ଟ୍ରକ୍ ମାଲିକ ସଂଘ ଶପଥ ଗ୍ରହଣ ଉତ୍ସବ

**ବଆଁରପାଳ, ୨୭।୨(ଡି.ଏନ୍.ଏ.):** ନାଲ୍‌କୋ ପେରିଫେରୀ ଟ୍ରକ୍ ମାଲିକ ସଂଘ ସିପିପିର ନୂତନ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ସନ୍ଧ୍ୟାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ସତ୍ୟବାନ ବରାହ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାପତି ଭାବେ ସୁବାସ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଭାବେ ନାରାୟଣ ଚନ୍ଦ୍ର ସିଂହ, ଉପସଭାପତି ଭାବେ ଦୀପକ କୁମାର ସାହୁ, ସହ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ଭାବେ ନରୋତ୍ତମ ସାହୁ ପ୍ରମୁଖ ଶପଥପାଠ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପରମାନନ୍ଦ ମିଶ୍ର ଯୋଗଦେଇ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଦୁଃଶାସନ ବରାହ, ସତ୍ୟବାନ ବରାହ, କୁଳମଣି ବିଳାସ, ମୁକୁନ୍ଦ ନାଥ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଉତ୍ସବରେ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ତ୍ୱରିତ ସେବା ଉପଲବ୍ଧ କରାଇବାକୁ ଗୁରୁତ୍ୱ

ଆଠମଲ୍ଲିକ, ୨୭।୨(ଡି.ଏନ.ଏ.)

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଭାଗରେ ମୋ ସରକାର ଲାଗୁ ହେବା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ୫-ଟିକୁ ପ୍ରାଧାନ୍ୟ ଦେଇ ରାଜସ୍ୱ ବିଭାଗରେ ମୋ ସରକାର ଲାଗୁ ହୋଇଥିବା ନେଇ ଉପସ୍ଥିତ ସମସ୍ତ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ। ରାଜସ୍ୱ ବିଭାଗରେ ଉପଲବ୍ଧ ହେଉଥିବା ସମସ୍ତ ପ୍ରକାର ସେବାଗୁଡିକର ସରକାର ସ୍ଥିର କରିଥିବା ସମୟ ସୀମା ମଧ୍ୟରେ ଲୋକଙ୍କଠାରେ ଯେଭଳି ଉପଲବ୍ଧ ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ତଥା କର୍ମଚାରୀମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। କୌଣସି ରାଜସ୍ୱ ସେବା ନିମନ୍ତେ କାର୍ଯ୍ୟାଳୟକୁ ଆସୁଥିଲେ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କୁ ଠିକ୍ ସୂଚନା ପ୍ରଦାନ ପାଇଁ ମତ ଦେଇଥିଲେ। ଏହି ବୈଠକରେ ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ଆଠମଲ୍ଲିକ ତହସିଲ ସୁପରଭାଇଜର ରଶ୍ମିରଞ୍ଜନ ହୋତା, କିଶୋରନଗର ସୁପରଭାଇଜର ମାଧୁରୀ ନାଏକଙ୍କ ସମେତ କିଶୋରନଗର ଏବଂ ଆଠମଲ୍ଲିକ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକ।

# ଡିଏସ୍‌ଓ ପକ୍ଷରୁ ପ୍ରତିବାଦ

ଅନୁଗୋଳ ଅଫିସ୍, ୨୭।୨

୨୦୨୦-୨୧ ଶିକ୍ଷାବର୍ଷ ଠାରୁ ଅନୁଗୋଳରେ ଅବସ୍ଥିତ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ ସମେତ ରାଜ୍ୟର ୧୪ଟି ବିଇଡି ଓ ଏମ୍‌ଇଡି କଲେଜକୁ ବନ୍ଦ କରିବା ଏବଂ ବ୍ଲକଗ୍ରାଣ୍ଟ ସ୍କୁଲ ମିଶ୍ରଣ ପାଇଁ ଇଆର୍‌ସି, ଏନ୍‌ସିଟିଇ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଅଲ୍‌ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ପ୍ରତିବାଦ କରାଯାଇଛି। ଗୁରୁବାର ଅପରାହ୍ନରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ଏ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନ ଜିଲା ସଭାପତି ପରମାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ନାରାୟଣ ନାୟକ, ପ୍ରଭାସୀ ସ୍ୱାଇଁ, ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ସହ ରାଜ୍ୟରେ ବହୁ ଶିକ୍ଷକ, ଅଧ୍ୟାପକ ପଦବୀ ଖାଲି ପଡିଥିବା କହିଥିଲେ। ଆବଶ୍ୟକ ମୁତାବକ ବିଇଡି ଓ ଏମ୍‌ଇଡି କଲେଜ ନ ଥିବାରୁ ବହୁ ଛାତ୍ରୀଛାତ୍ର ଖର୍ଚ୍ଚାନ୍ତ ହୋଇ ଅନ୍ୟ ରାଜ୍ୟକୁ ପଢ଼ିବା ପାଇଁ ଯାଉଛନ୍ତି। ଏଭଳି ସ୍ଥିତିରେ ବିଇଡି ଓ ଏମ୍‌ଇଡି କଲେଜ ବନ୍ଦ କରିବା ନିଷ୍ପତ୍ତି ଅତ୍ୟନ୍ତ ନିନ୍ଦନୀୟ। ଅନ୍ୟପକ୍ଷରେ ସ୍କୁଲ ଖୋଲିବା ପରିବର୍ତ୍ତେ ସ୍କୁଲ ମିଶ୍ରଣ କରି ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ଡୋରି ବାନ୍ଧିବାର ବାଟ କରାଯାଉଛି ବୋଲି ଡିଏସ୍‌ଓ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ଶିକ୍ଷାର ବିସ୍ତାର ପରିବର୍ତ୍ତେ ଏହାକୁ ଧ୍ୱଂସ କରିବାର ପ୍ରୟାସ କରୁଥିବାରୁ ଏହା ବିରୋଧରେ ଛାତ୍ର, ଶିକ୍ଷକ, ଶିକ୍ଷାବିତ୍ ଓ ଅଭିଭାବକମାନେ ଆନ୍ଦୋଳନ ସଙ୍ଗଠିତ କରିବାକୁ ସଙ୍ଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।




### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

ପଦ୍ମପୁର,୨୭।୨(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବରହମ୍ପୁର ପଞ୍ଚାୟତ ଇଚ୍ଛାପୁର ଛକରେ ଏକ ଗୁମୁଟିରେ ଶୋଇଥିବା ଜଣେ ବୃଦ୍ଧଙ୍କୁ ମଙ୍ଗଳବାର ରାତିରେ ଦୁଇ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ବୃଦ୍ଧ ହେଲେ ଶରତ ନାୟକ। ଏ ନେଇ ତାଙ୍କ ପୁଅ ସୁଶାନ୍ତ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଓ ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି କୁଣ୍ଡିବାଗ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ହରିଆ ମଲିକଙ୍କୁ ଗିରଫ କରିଥିଲେ। ଗୁରୁବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୧/୨୦) ରୁଜୁ ହୋଇଛି। ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଇଚ୍ଛାପୁରର କଳାପୋଲଠାରେ ଶରତଙ୍କର ଏକ ଗୁମୁଟି ଅଛି। ସେ ସେଠାରେ ସବୁଦିନ ରାତିରେ ଶୋଇଥାନ୍ତି। କୁଣ୍ଡିବାଗ ଗ୍ରାମର ଦୁଇ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କୁ ଗୁମୁଟିରୁ ଉଠାଇ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣିହାଁ, ୨୭।୨(ଡି.ଏନ.ଏ.)

କଣିହାଁ ବ୍ଲକ ମହକୁମା କଣିହାଁ ଗ୍ରାମରେ ସ୍ୱପ୍ନେଶ୍ୱର ମହାଦେବଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଗତ ଶନିବାର ଅଙ୍କୁରାରୋପଣ କାର୍ଯ୍ୟ ହୋଇଥିବାବେଳେ ଗୁରୁବାର ପୂର୍ବାହ୍ନରେ ନିକଟସ୍ଥ ଟିକିରା ନଦୀରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବାଜା ବାଣ, ସଂକୀର୍ତ୍ତନରେ କଣିହାଁ ବଜାର ଓ ଗାଁ ପରିକ୍ରମା କରିଥିଲେ। ପରେ ମହାସ୍ନାନ, ଶୟନ, ଯଜ୍ଞ କର୍ମ ଆଦି ପୂଜାନୀତି କରାଯାଇଥିଲା। ଶୁକ୍ରବାର ଓଡ଼ିଶୀ ନାମ ସଂକୀର୍ତ୍ତନ ଓ ଶନିବାର ନଦିଆଁ ନାମ ବ୍ୟବସ୍ଥା କରାଯାଇଛି। ଶନିବାର ଉତ୍ସବ ସମାପନକୁ ନେଇ ସ୍ଫଟିକ ଶିବଲିଙ୍ଗ ସହ ଅନ୍ୟ ଦେବଦେବୀଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ପ୍ରତ୍ୟହ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ସହଯୋଗ କରିବାକୁ କମିଟି ତରଫରୁ ସୁଧାକର ପ୍ରଧାନ, ଦିବାକର ସାହୁଙ୍କ ସମେତ ଅନ୍ୟମାନେ କହିଛନ୍ତି।


ଟିକିରା ନଦୀ କୂଳରେ କଳସ ପୂଜାର୍ଚ୍ଚନା କରାଯାଉଛି।

# ବିନିଯୋଗ ହୋଇଛି ୨ କୋଟି ୧୦ ଲକ୍ଷ

କଣିହାଁ, ୨୭।୨(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହଠାରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର**

ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ପରେଶ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ବିଡିଓ ରମେଶ କୁମାର ଜେନା, ଏବିଡିଓ ବିଜୟ କୁମାର ମେହେର, ଅନୁଗୋଳ ଜିଲା ସାମାଜିକ ସମୀକ୍ଷା ଅଧିକାରୀ ସୁଧାଂଶୁ ସ୍ୱାଇଁ, ବ୍ଲକ ଏଇଇ ରବୀନ୍ଦ୍ର ବେହେରା, ଏପିଓ ଦୀପ୍ତିରେଖା ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ଜବକାର୍ଡଧାରୀ ଶ୍ରମିକ ଉପଭୋକ୍ତା, ଗ୍ରାମ ରୋଜଗାର ସେବକ ଓ ବ୍ଲକର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷା କାର୍ଯ୍ୟରେ ଭାଗ ନେଇଥିଲେ। ଶିବିରରେ ପ୍ରକାଶ ପାଇଥିବା ସୂଚନା ମୁତାବକ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୧୯-୨୦ ଆର୍ଥିକ ବର୍ଷରେ ୨ କୋଟି ୧୦ ଲକ୍ଷ ବିନିଯୋଗ ହୋଇଛି। ୨୦ ହଜାର ୨୬୩ ଜଣ ପଞ୍ଜୀକୃତ ହୋଇଥିବାବେଳେ ୧୧ ହଜାର ୫୯୯ ଜଣ ସକ୍ରିୟ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯିବାରେ ୨୨୧୯ ପରିବାର ଉପକୃତ ହୋଇଛନ୍ତି। ୮୩ ହଜାର ୧୯୧ ଶ୍ରମ ଦିବସ ସୃଷ୍ଟି ହୋଇଛି। ୧୧୯ଟି ପରିବାର ଧାର୍ଯ୍ୟ ଶହେ ଦିନର କାର୍ଯ୍ୟ କରିଥିଲେ। ସେହିପରି ବିଭିନ୍ନ ଉନ୍ନୟନ କାମ ମଧ୍ୟରୁ ୧୪୦୮ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୩୩୩ଟି ପ୍ରକଳ୍ପର କାର୍ଯ୍ୟ ଚାଲିଛି। ଖୁବଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ ବୋଲି ବିଡିଓ ଉପସ୍ଥିତ ଲୋକ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ।


ଶିବିରରେ ଉପସ୍ଥିତ ଅଧିକାରୀମାନେ।

